# ଓଡ଼ିଆ ସମାଲୋଚନା ସାହିତ୍ୟର ସ୍ଥିତି

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଉଚ୍ଚକୋଟୀର ସାହିତ୍ୟର ସୃଷ୍ଟି ସର୍ବଦା ଏକ ଗଭୀର ଉଦ୍‌ବେଳନରୁ ହିଁ ସମ୍ଭବ ହୋଇଥାଏ । ଠିକ୍ ସେହିପରି ସଫଳ ସାହିତ୍ୟ ସମାଲୋଚନା ମଧ୍ୟ ଜନ୍ମନିଏ ନିବିଡ଼ ଅନୁରାଗ ଓ ଅନୁସନ୍ଧାନରୁ । ଯିଏ ସତ ସମାଲୋଚକ ସିଏ ସମୀକ୍ଷା ଲେଖିବ ବୋଲି ଗ୍ରନ୍ଥ ଅଧ୍ୟୟନ ଆରମ୍ଭ କରେନା । ମରମୀ ପାଠକର ନିଷ୍କପଟ ଶ୍ରଦ୍ଧା ଓ ନିର୍ମଳ ଆବେଗ ନେଇ ସେ ସାହିତ୍ୟ ଜଗତରେ ପ୍ରବେଶ କରେ । ଜଣେ ମଣିଷ ଭାବରେ ସେ ତା ନିଜ ପାଇଁ ଓ ଏ ଜଗତ ପାଇଁ କେତେ ସ୍ୱପ୍ନ ଦେଖିଥାଏ, ସୁଖ ଦୁଃଖର ସଂସାରକୁ ନେଇ ନିଜେ ନିଜକୁ କେତେ ପ୍ରଶ୍ନ ପଚାରିଥାଏ । ହର୍ଷ ବିଷାଦର ଅନୁଭୂତିକୁ ନେଇ କେତେ ଚିନ୍ତାରେ ଆଲୋଡ଼ିତ ହୋଇଥାଏ । ବହି ପଢ଼ିବାବେଳେ ସତେ କି ନିଜ ଅଜାଣତରେ ମଧ୍ୟ ନିଜକୁ ହିଁ ସେ ଖୋଜେ, ନିଜର ଅନ୍ତରଙ୍ଗ ସାଥୀଟିଏ ଅନ୍ୱେଷଣ କରୁଥାଏ; ଆପଣା ଭିତରେ ସୃଷ୍ଟି ହେଉଥିବା ନାନା ଜିଜ୍ଞାସାର ସନ୍ତୋଷ ଜନକ ଉତ୍ତର ଚାହୁଁଥାଏ ।

ଗ୍ରନ୍ଥ ଅଧ୍ୟୟନ କରି ସେ ଯଦି ଆନନ୍ଦରେ ଅଭିଭୂତ ହୁଏ, ତା ହେଲେ ସେ ଚାହେଁ ଯେ ସେଇ ଆନନ୍ଦାନୁଭୂତି ଅନ୍ୟ ଆଗରେ ବ୍ୟକ୍ତ କରନ୍ତା । ଜୀବନ ବଞ୍ଚିବା ପାଇଁ ଯଦି ସେ ଏକ ସୁନ୍ଦର ରାସ୍ତା ପାଇଯାଏ, ତା' ହେଲେ ଭାବେ ଅନ୍ୟମାନଙ୍କୁ ସେ ସେଇ ସୁଶୋଭିତ ଓ ସୁରଭିତ ମାର୍ଗଟି ଦେଖାଇ ଦିଅନ୍ତା । ନିଜ ଭିତରେ ସୃଷ୍ଟି ହେଉଥିବା ବିଚିତ୍ର ଦ୍ୱନ୍ଦ୍ୱର ଯଦି ସେ ସମାଧାନ କରିପାରିଥାଏ ତା'ହେଲେ ସେ ଚିନ୍ତା କରେ, ଅନ୍ୟମାନଙ୍କୁ ମଧ୍ୟ ସେଇ ସମାଧାନର ସୂତ୍ରଟି ଜଣାଇଦିଅନ୍ତା । ଏଇଭଳି ଭାବରେ ଅନ୍ୟମାନଙ୍କ ଜୀବନକୁ ସରସ ଓ ସୁଷମାମଣ୍ଡିତ କରିବାର ଅଭିଳାଷ ନେଇ ସେ ସାହିତ୍ୟ ସମାଲୋଚନାରେ ହାତ ଦିଏ । ବହିଟିଏ ପଢ଼ିସାରିଲା ପରେ ଯଦି ସମାଲୋଚକ ଅନୁଭବ କରେ ଯେ ତାହା ପାଠକମାନଙ୍କ ଚେତନାକୁ ଦୀପ୍ତ ଓ ପ୍ରସାରିତ କରିବାରେ ଅକ୍ଷମ ତେବେ ଲେଖକଙ୍କୁ ଉଚ୍ଚମାନର ସାହିତ୍ୟ ସୃଷ୍ଟି ପାଇଁ ମଧ୍ୟ ସେ ପ୍ରେରଣା ଦେଇପାରେ ।

ସମାଲୋଚନାର ବିଭିନ୍ନ ପଦ୍ଧତି ରହିଛି । କିନ୍ତୁ ଜଣେ ସମାଲୋଚକ ଯେ କୌଣସି ପଦ୍ଧତି ଅବଲମ୍ବନ କରି ଆଲୋଚନା କରୁ ନା କାହିଁକି ତା'ର ଅନୁଭବର ଗଭୀରତା ଓ ବିଚାର ଭଙ୍ଗୀର ପରିପକ୍ୱତା ସ୍ୱତଃ ସେଥିରେ ବାରିହୋଇ ପଡ଼ିବ । ସମାଲୋଚକର ହୃତ୍‌ସ୍ପନ୍ଦନ ନିଶ୍ଚୟ ଶୁଣାଯାଇ ପାରିବ ସେଥିରୁ ।

ଏ ସବୁ ଦୃଷ୍ଟିରୁ ବିଚାର କରି ବସିଲେ ଓଡ଼ିଆ ସମାଲୋଚନା ସାହିତ୍ୟର ସ୍ଥିତି ଯେ ସୁଦୃଢ଼ ହୋଇପାରି ନାହିଁ, ଏକଥା ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । ପରିମାଣାତ୍ମକ ଦୃଷ୍ଟିରୁ

ଆମ ସମାଲୋଚନା ସାହିତ୍ୟ ସମୃଦ୍ଧ ହୋଇଥିଲେ ହେଁ ଗୁଣାତ୍ମକ ଦୃଷ୍ଟିରୁ ତାହା ଆଶାଜନକ ହୋଇପାରିନାହିଁ । ଅଧିକାଂଶ ସମାଲୋଚନାରେ ସମାଲୋଚକ ପ୍ରାଣର ବ୍ୟାକୁଳତା ଓ ଜିଜ୍ଞାସା ଅନୁପସ୍ଥିତ । ଏକ ପ୍ରକୃତ ଅନୁସନ୍ଧାନରୁ ଗବେଷଣା ଆରମ୍ଭ ହେଉନାହିଁ । ଡିଗ୍ରୀ ଲାଭକରି ଉଚ୍ଚପଦ ପଦବୀ ଆରୋହଣ କରିବାର ଆଗ୍ରହ ଯେଉଁ ମାତ୍ରାରେ ରହୁଛି ଜୀବନର ସତ୍ୟ ଆବିଷ୍କାରର ବ୍ୟାକୁଳତା ସେତିକି ପରିମାଣରେ ଦେଖିବାକୁ ମିଳୁନାହିଁ । ନିଜ ଜୀବନଠାରୁ ସାହିତ୍ୟର ଗବେଷଣାକୁ ଏକ ଭିନ୍ନ ବିଷୟ ବୋଲି ଅନେକେ ଭାବୁଛନ୍ତି । ସେଥିପାଇଁ ସାହିତ୍ୟ ନାଁରେ ଗବେଷଣା ଚାଲିଛି; ଆମର ଗ୍ରନ୍ଥାଗାରମାନ ଆହୁରି ସମୃଦ୍ଧ ହେବାରେ ଲାଗିଛି; କିନ୍ତୁ ଜୀବନକୁ ଏତେ ଟିକିଏ ବି ଆମେ ପରିବର୍ତ୍ତନ କରିପାରିନାହୁଁ । ସୁପ୍ରସିଦ୍ଧ ଦାର୍ଶନିକ ଜେ. କ୍ରିଷ୍ଣମୂର୍ତ୍ତିଙ୍କ କଥା ଏ ପ୍ରସଙ୍ଗରେ ମନେ ପଡୁଛି । ସେ କହିଛନ୍ତି'' କେତେଟା କଳା କଉଶଳକୁ ଆୟତ୍ତ କରିବା ପାଇଁ ମଣିଷ କେତେ ବର୍ଷ ଯେ କଟାଇଦିଏ, ସ୍କୁଲକୁ, କଲେଜକୁ ଓ ବିଶ୍ୱବିଦ୍ୟାଳୟକୁ ଯାଏ । ଡକ୍ଟରେଟ ଆଦି ଉପାଧିମାନ ଗୋଟେଇ ଆଣେ; ଅଥଚ ନିଜକୁ ବଦଳାଇବା ପାଇଁ ଗୋଟିଏ ଦିନ ମଧ୍ୟ ବ୍ୟୟ କରିବାକୁ ତା'ର ମନ ବଳେ ନାହିଁ । ସୁତରାଂ ଜଣେ ମଣିଷ ନିଜକୁ ପୂରାପୂରି ବଦଳାଇ ହେବା ହିଁ ତା' ପକ୍ଷରେ ଏକ ବଡ଼ ଦାୟିତ୍ୱ ।''

ସାହିତ୍ୟ ଅଧ୍ୟୟନ କରି ନିଜ ଜୀବନକୁ ପରିବର୍ତ୍ତିତ କରିଥିବା ଓ ଅନ୍ୟର ଜୀବନରେ ମଧ୍ୟ ସେପରି କ୍ରାନ୍ତିକାରୀ ପରିବର୍ତ୍ତନ ବା ଉତ୍ତରଣ ଘଟାଇବାର ଆକାଂକ୍ଷା ରଖିଥିବା ସମାଲୋଚକଙ୍କ ସଂଖ୍ୟା ପ୍ରକୃତରେ ଓଡ଼ିଆ ସାହିତ୍ୟରେ ଅତ୍ୟନ୍ତ ନଗଣ୍ୟ । ସାହିତ୍ୟ ସ୍ରଷ୍ଟାର ଅନ୍ତରକୁ ପ୍ରବେଶ କରିବା ପାଇଁ, ଆଗକୁ ପାଦେ ଆଗେଇ ଯିବା ପାଇଁ ଗୋଟିଏ ପାହାଚ ଉପରକୁ ଉଠିଯିବା ପାଇଁ ଅଧିକାଂଶ ସମାଲୋଚନା ଗ୍ରନ୍ଥରୁ କୌଣସି ପ୍ରେରଣା ମିଳେ ନାହିଁ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ସେଗୁଡ଼ିକ ପାଠ କରୁଛନ୍ତି କେବଳ ।

କିନ୍ତୁ ଆଶ୍ୱାସନାର କଥା ଏହି ଯେ, ଏଇ ଅନ୍ଧକାର ଭିତରେ ବି କେତୋଟି ଜ୍ୟୋତି ସ୍ତମ୍ଭ ଆଲୋକ ଉନ୍ମୁଖ ପାଠକମାନଙ୍କୁ ନୂତନ ଦ୍ୟୁତି ଦାନରେ ସର୍ବଦା ଆପଣାର ଆନ୍ତରିକତା ଓ ସାମର୍ଥ୍ୟର ପରିଚୟ ଦେଇଛନ୍ତି । ଓଡ଼ିଶାରେ ଏଭଳି କେତେକ ସମାଲୋଚକ ଜନ୍ମ ନେଇଛନ୍ତି ଯେଉଁମାନେ ଅପୂର୍ବ ଶ୍ରଦ୍ଧା ଓ ସାହସର ସହ ନିଜ ଅନ୍ତର ଭିତରକୁ ଆହ୍ୱାନ କରିଛନ୍ତି ପାଠକମାନଙ୍କୁ ।

ଦରଦୀ ପାଠକମାନଙ୍କୁ ଆପଣାର ହୃଦୟ ଭିତରକୁ ନେଇଯିବାରେ ଦିନେ ସେହିପରି ସାହସିକତା ପ୍ରଦର୍ଶନ କରିଥିଲେ ସୁପ୍ରସିଦ୍ଧ ସମାଲୋଚକ ଡକ୍ଟର ମାୟାଧର ମାନସିଂହ । କବି ଜୀବନର ସାଧୁତାକୁ ଓ ତନ୍ମୟତାକୁ ସେ ବର୍ଣ୍ଣନା କରୁଥିବା ବେଳେ ପାଠକ ସେଥିରେ ଶୁଣିପାରୁଥିଲା ଡ଼ଃ ମାନସିଂହଙ୍କ ନିର୍ଭୀକ ଆତ୍ମା ଓ ପ୍ରେମାପ୍ଳୁତ ଅନ୍ତରର ମହନୀୟ ସଙ୍ଗୀତ । ଡକ୍ଟର ମାନସିଂହଙ୍କ 'କବି ଓ କବିତା' ଗ୍ରନ୍ଥ ବା 'ଓଡ଼ିଆ ସାହିତ୍ୟର ଇତିହାସ' ଯିଏ ଥରେ ପାଠକରେ ଜୀବନବ୍ୟାପୀ ତାହା ତାକୁ ଆଲୋଡ଼ିତ କରୁଥାଏ ବିଚିତ୍ର ଭାବରେ । ସାଂପ୍ରତିକ କାଳରେ ଶ୍ରୀ ଚିତ୍ତରଂଜନ

ଦାସଙ୍କ ରଚନା ପାଠକକୁ ସେହିପରି ଉଦ୍ବେଳିତ କରିଦିଏ ଉର୍ଦ୍ଧ୍ୱକୁ । ଉନ୍ମୋଚିତ କରିଦିଏ ପାଖୁଡ଼ା ପାଖୁଡ଼ା କରି ତା'ର ପ୍ରାଣସତ୍ତାକୁ । ତାଙ୍କର 'ତରଙ୍ଗ ଓ ତଡ଼ିତ୍' ଓଡ଼ିଆ ସାହିତ୍ୟର ସାଂସ୍କୃତିକ ବିକାଶଧାରା' କିମ୍ବା 'ଓଡ଼ିଆ ସନ୍ଥ ସାହିତ୍ୟ' ଆଦି ଯେ କୌଣସି ଗ୍ରନ୍ଥ ପାଠକଲେ ପାଠକର ପ୍ରକୃତରେ ପୁନର୍ଜନ୍ମ ହିଁ ହୋଇଥାଏ । ଓଡ଼ିଆ ସାହିତ୍ୟର ସୁପ୍ରତିଷ୍ଠିତ ଗାଳ୍ପିକ ସ୍ୱର୍ଗତ ବାମାଚରଣ ମିତ୍ରଙ୍କ 'ଜୀବନ ସାହିତ୍ୟ ଓ କଳା' ପୁସ୍ତକଟି ପାଠକର ଗ୍ରହଣ-ଶୀତଳତାକୁ ଉଜ୍ଜୀବିତ କରିବାରେ ଏକ ସୁମହତ୍ ପ୍ରଚେଷ୍ଟା । ପାପ ପୁଣ୍ୟ, ଭଲମନ୍ଦ ବା ସତ୍ ଅସତ୍‌ର ଭ୍ରାନ୍ତ ଧାରଣାରୁ ମୁକ୍ତ କରି ଯେଉଁ ସାହିତ୍ୟ ସ୍ରଷ୍ଟାମାନେ ଆମକୁ ଆଧ୍ୟାତ୍ମିକ ଉପଲବଧିର ସୂକ୍ଷ୍ମ ସ୍ତରରେ ନେଇ ପହଞ୍ଚାଇ ଦିଅନ୍ତି ସେମାନଙ୍କୁ ଯଥାର୍ଥ ଭାବରେ ବୁଝିବାର ବାଟ ଦିଶିଯାଏ ଏ ଗ୍ରନ୍ଥରେ ।

ଶରତ କୁମାର ମହାନ୍ତିଙ୍କ 'ଅସ୍ତିତ୍ୱବାଦର ମର୍ମକଥା' ପୁସ୍ତକ ଏ ସମୟର ଆଉ ଏକ ବିପ୍ଳବ । ବହିଟିକୁ ପଢୁଥିବାବେଳେ ଭିତରର କବାଟ ସବୁ ଗୋଟିକ ପରେ ଗୋଟିଏ ଖୋଲି ଯିବାରେ ଲାଗିଥାନ୍ତି । ଅସ୍ତିତ୍ୱ ବାଦର ମହାନ ଦାର୍ଶନିକ ଓ ସାହିତ୍ୟକମାନଙ୍କ ବିଚିତ୍ର କୃତି ଆମ ଭିତରେ ସୃଷ୍ଟି କରୁଥାଏ ଭିନ୍ନ କମ୍ପନ । ଶରତ ମହାନ୍ତିଙ୍କ ଭାଷାର ସାରଲ୍ୟ ଓ ପ୍ରାଣର ଆବେଗ ପ୍ରତିକ୍ଷଣରେ ଚମତ୍କୃତ କରୁଥାଏ ପାଠକକୁ । ମହାପାତ୍ର ନୀଳମଣି ସାହୁ କଥା ଶିଳ୍ପୀ ଓ ରମ୍ୟରଚନାର ଲେଖକ ଭାବରେ ଅସାଧାରଣ ସାଫଲ୍ୟର ଅଧିକାରୀ । କିନ୍ତୁ 'ଆମ କଥା ସାହିତ୍ୟର କଥା ଓ ରମ୍ୟ ରଚନା' ବା ସାହିତ୍ୟର ପାରାପାର ଭଳି ଆଲୋଚନା ଗ୍ରନ୍ଥ ରଚନା କରି ଓଡ଼ିଆ ସମାଲୋଚନା ସାହିତ୍ୟକୁ ସେ ଦୀପ୍ତିମୟ କରିଛନ୍ତି । ପ୍ରକୃତ ମହାନ କବିର ଜୀବନ ଓ ତାର କାବ୍ୟ ବା ଶିଳ୍ପ ଭିତରେ ଯେ ଗୋଟାଏ ପାର୍ଥକ୍ୟ ନ ଥାଏ ଏ କଥା ସହଜରେ ହୃଦୟଙ୍ଗମ କରିହୁଏ ଏଥିରୁ ।

କିଶୋର ଚନ୍ଦ୍ରାନନ୍ଦ ଚମ୍ପୂର 'ଲଳିତା' ସମ୍ପର୍କରେ ରଚିତ ଡକ୍ଟର ନଟବର ସାମନ୍ତରାୟଙ୍କ ପ୍ରବନ୍ଧଟି ତାଙ୍କୁ ଭିନ୍ନ ଭାବରେ ଚିହ୍ନାଇ ଦିଏ । କବିସୂର୍ଯ୍ୟ ଓ ଗୋପାଳକୃଷ୍ଣଙ୍କ ତୁଳନାତ୍ମକ ଅଧ୍ୟୟନ ପଢୁଥିବାବେଳେ ଦାଶରଥିଦାସଙ୍କ ଅନ୍ତର୍ଦୃଷ୍ଟି ଯେମିତି ଆମକୁ ବିହ୍ୱଳ କରେ, ଡଃ ଆଦିକନ୍ଦ ସାହୁ କିର୍‌କେଗାର୍ଡ଼ଙ୍କୁ ଲେଖୁଥିବା ବେଳେ ସେଇ ଅମର ଦାର୍ଶନିକ ଓ ଆବେଗପ୍ରବଣକବିଙ୍କ ପ୍ରାଣର ସ୍ପନ୍ଦନ ଆମର ସେମିତି ନିକଟତର ହୋଇଆସେ । କବି ଦୀପକ ମିଶ୍ର ବି ଯେତେବେଳେ ସମାଲୋଚନାତ୍ମକ ପ୍ରବନ୍ଧ ଲେଖନ୍ତି ସେତେବେଳେ ପାଠକ ସ୍ତମ୍ଭୀତ ହୁଏ ତାଙ୍କ କାବ୍ୟିକ ବର୍ଣ୍ଣନା ପଢ଼ି । ପୁଣ୍ୟଶ୍ଳୋକ ସାହିତ୍ୟ ସ୍ରଷ୍ଟାମାନଙ୍କ ଜୀବନଚର୍ଯ୍ୟା ଓ ସୃଜନଶୀଳତା ଭାବାବିଷ୍ଟ ଓ ତନ୍ମୟ କରି ରଖେ ତାକୁ । ଜୀବନରେ ଧାଡ଼ିଏ କବିତା ଲେଖି ନ ଥିଲେ ମଧ୍ୟ କବିର ହୃଦୟଟି ଯାହାର ରହିଛି, କବିର ଦୃଷ୍ଟିରେ ଯିଏ ସମଗ୍ର ବିଶ୍ୱକୁ ଅବଲୋକନ କରୁଛି ତା'ର ସେଇ ମହାନ୍ କବିତ୍ୱକୁ ଅନୁଭବ କରୁଥିବା ଜଣେ ଦିବ୍ୟଦ୍ରଷ୍ଟା ସମାଲୋଚକ ହେଉଛନ୍ତି ଦୀପକ ମିଶ୍ର । ଏହି କ୍ଷୁଦ୍ର ପରିସରରେ ସବୁ ସାହିତ୍ୟ ସମାଲୋଚନଙ୍କ କଥା ବିଶଦ ଭାବେ ବର୍ଣ୍ଣନା କରାଯାଇ ପାରିବ ନାହିଁ ବା ତାଙ୍କ ସମାଲୋଚନାର ସମୀକ୍ଷା କରିହେବ ନାହିଁ ପୁଙ୍ଖାନୁପୁଙ୍ଖ ରୂପେ । ତେବେ ଓଡ଼ିଆ ସମାଲୋଚନା ସାହିତ୍ୟରେ ଉପରୋକ୍ତ ସମାଲୋଚକମାନେ ସଫଳତାର ଏକ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

କବିତାଠାରୁ କବିକୁ ଗଳ୍ପଠାରୁ ଗାଳ୍ପିକକୁ ଉପନ୍ୟାସଠାରୁ ଔପନ୍ୟାସିକକୁ ଯେପରି ବିଚ୍ଛିନ୍ନ କରି ଦେଖି ହେବ ନାହିଁ ସେହିପରି ସମାଲୋଚନାଠାରୁ ସମାଲୋଚକକୁ ମଧ୍ୟ ପୃଥକ୍ ଭାବେ ବିଚାର କରି ହେବ ନାହିଁ । ଯେ କୌଣସି ପଦ୍ଧତିରେ ଜଣେ ସମାଲୋଚନା ଲେଖୁନା କାହିଁକି ସେଥିରେ ତା'ର ବ୍ୟକ୍ତିତ୍ୱର ଆଭା ଅବଶ୍ୟ ବିଚ୍ଛୁରିତ ହୋଇପଡ଼ିବ । ସେଇଥିରୁ ତାକୁ ଜାଣିହେବ, ଚିହ୍ନିହେବ ଓ ଛୁଇଁହେବ ।

ସମାଲୋଚନା ମଧ୍ୟ ହେଉଛି ଏକ ସୃଷ୍ଟି । ସମାଲୋଚକ ତେଣୁ ହେଉଛନ୍ତି ସ୍ରଷ୍ଟା । ଯେଉଁ ସମାଲୋଚନା ଜୀବନର ଗୂଢ଼ ସତ୍ୟକୁ ଆମ ଆଗରେ ଉନ୍ମୋଚନ କରି ଦେଖାଇ ଦେଇ ପାରେ, ନିଆଁ ଜାଳି ଦେଇପାରେ, ଫୁଲ ଫୁଟାଇ ଦେଇପାରେ, ସୁରଭି ଭରି ଦେଇପାରେ ଛାତି ଭିତରେ ତାହା ହିଁ କାଳଜୟୀ ହୋଇ ରହିବ । ଏ ଜଗତରେ ମଣିଷର ସ୍ଥିତିକୁ ସୁଦୃଢ଼ କରିବାରେ ଓ ଜୀବନକୁ ଅର୍ଥପୂର୍ଣ୍ଣ କରିବାରେ ଯେଉଁ ସମାଲୋଚନା ପୁସ୍ତକ ସହାୟକ ହେବ ନାହିଁ; ତାହା ସାହିତ୍ୟ ଜଗତକୁ ସମୃଦ୍ଧ କରିବ ବା କିପରି ?

ଯେଉଁ ସମାଲୋଚକମାନେ ଜୀବନର ଅର୍ଥ ଓ ଜଗତର ସତ୍ୟ ଖୋଜିଛନ୍ତି ସିଦ୍ଧାର୍ଥଙ୍କ ପରି, ଅଚେତନ ଅଥର୍ବ ଯୁବଗୋଷ୍ଠୀଙ୍କୁ ସଚେତନ ଓ ମନ୍ତ୍ରସିକ୍ତ କରିଛନ୍ତି ସକ୍ରେଟିସ୍‌ଙ୍କ ପରି, ଦୁର୍ବଳ ଓ ଅସହାୟ ମଣିଷକୁ କରୁଣାର୍ଦ୍ର ନେତ୍ରରେ ଚାହିଁଛନ୍ତି ଯୀଶୁଙ୍କ ପରି ସେଇମାନେ ହିଁ ଆମ ଜୀବନକୁ ଆଲୋକସ୍ନାତ କରିଦେଇପାରିଛନ୍ତି । ଆମ ଜୀବନରେ ନୂତନ ଭାବର ତରଙ୍ଗ ଖେଳାଇ ଦେଇଛନ୍ତି ଯେଉଁମାନେ ସେଇମାନେ ହିଁ ଆମ ସମାଲୋଚନା ସାହିତ୍ୟର ସମ୍ପଦ ।

ଜଣେ ସାର୍ଥକ ସମାଲୋଚକର ହୃଦୟ ହେଉଛି ପ୍ରକୃତରେ ସନ୍ଥର ହୃଦୟ ପରି । ଭାବର ଉଚ୍ଚତମ ଶିଖରରେ କବି, ଗାଳ୍ପିକ, ସମାଲୋଚକ, ବୈଜ୍ଞାନିକ, ଐତିହାସିକ ଦାର୍ଶନିକ ସମସ୍ତେ ପ୍ରକୃତରେ ସମାନ ।

ଓଡ଼ିଆ ସମାଲୋଚକ-ମାନେ ଜୀବନ ସହ, ଯେତେ ଘନିଷ୍ଠ ଭାବରେ ସଂଯୁକ୍ତ ହେବେ, ଯେତେ ନିଃସର୍ତ୍ତ ଭାବେ ଭଲ ପାଇବେ ଏ ଜଗତକୁ ସେତେ ଅନ୍ତରଙ୍ଗ ଭାବେ ଛୁଇଁ ପାରିବେ ସାହିତ୍ୟ ସ୍ରଷ୍ଟାର ମର୍ମ ସ୍ଥଳକୁ ଓ ସାହିତ୍ୟ ପାଠକର ଅନ୍ତରାତ୍ମାକୁ । ଏହି ଏକାତ୍ମତା ଓଡ଼ିଆ ସମାଲୋଚନା ସାହିତ୍ୟର ସ୍ଥିତିକୁ ସୁଦୃଢ଼ କରିବ ନିଶ୍ଚୟ ।

❑